# Akashvani, Sambalpur

## SAMBALPURI NEWS EVENING BULLETIN

## 29 July 2024- 7.02 pm- 7.12 pm.

*****************************************

୧- ଆଏଜ୍ ପାଲନ୍ ପାଲନ୍ କରାଯାଉଛେ ଜାତୀୟ ଶିକ୍ଷାନୀତି -୨୦୨୦ର ୪ ନମ୍ବର୍ ବାର୍ଷିକ ଉତ୍ସବ୍ ।

- ଦେଶର୍ ଶିକ୍ଷା ବ୍ୟବସ୍ଥାର ରୂପାନ୍ତରିକରଣ୍ ଲାଗି ଶିକ୍ଷାନୀତି ଆଶାର୍ ପ୍ରତୀକ୍ ଭାବେ ଠିଆ ହେଇଛେ- କହେଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ।

୨- ଆଏବା ଦିନେ ରାଏଜେ ୩ ହଜାର୍ ଡାକ୍ତର ପଦ୍‌ବୀ ପୂରଣ୍ କରାଯିବା ବଲି ସୂଚ୍‌ନା ଦେଲେ ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ମନ୍ତ୍ରୀ ।

୩- ବାଘ୍ ସଂରକ୍ଷଣ୍ ଲାଗି ଆଏଜ୍ ସାରା ଦେଶେ ପାଲନ୍ କରାଯାଉଛେ ଆନ୍ତର୍ଜାତୀୟ ବ୍ୟାଘ୍ର ଦିବସ୍ ।

- ଓଡ଼ିଶାର୍ ଡେବ୍ରିଗଡ଼ ଆଉ ଶିମିଲିପାଲ୍‌କେ ଆସ୍‌ବେ ୫ ଟା ମହାବଳ ବାଘ ।

ଆଉର୍

୪- ଲଘୁଚାପ୍‌ର ବଲେ ଆଏବା ୫ ଦିନ୍‌ତକ୍ ରାଏଜେ ଜାରି ରହେବା ବର୍ଷା ।

ଜାତୀୟ ଶିକ୍ଷାନୀତି ବାର୍ଷିକୀ ଉତ୍ସବ୍       ପି.ଆଇ.ବି.

କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ତର୍ଫୁ ଆଏଜ୍ ନୂଆଦିଲ୍ଲୀ ଠାନେ ଅଖିଲ୍ ଭାରତୀୟ ଶିକ୍ଷା ସମାଗମ୍ -୨୦୨୪ ସହେତେ ଜାତୀୟ ଶିକ୍ଷାନୀତି -୨୦୨୦ ପ୍ରଣୟନ୍‌ର ୪ ନମ୍ବର୍ ବାର୍ଷିକ୍ ପାଲନ୍ କରାଯାଉଛେ ।

ଇଥି କେନ୍ଦ୍ର ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ଜୟନ୍ତ ଚୌଧୁରୀ ଆଉ ଉତର୍‌ପୂର୍ବାଂଚଲ୍‌ର ବିକାଶ୍  ସୁକାନ୍ତ ମଜୁମଦାର୍ ଉପସ୍ଥିତ୍ ଥିଲେ । ଇ ଅବ୍‌ସରେ ଜାତୀୟ ଶିକ୍ଷାନୀତି -୨୦୨୦ ଅନ୍‌ସାରେ ଭିନ୍ ଭିନ୍ ଭାଷାଥି ଶିକ୍ଷାଦାନ୍ ଲାଗି ଟିଭି ଚେନାଲ୍, ୧୫ ଟା ଭାରତୀୟ ଭାଷାର୍ ପ୍ରାଥମିକ୍ ପ୍ରାଇମର୍ ମୁଲ୍ କରାଯାଇଥିଲା । ହେନ୍ତା କେରିଅର୍ ଗାଇଡେନ୍ସ ବାବ୍‌ଦର୍ ନିର୍ଦ୍ଦେଶାବଳୀ, ଜାତୀୟ ମନିଟରିଂ ମିଶନ୍ ଆଉ ନେସ୍‌ନାଲ୍ ପ୍ରଫେସନର୍ ଷ୍ଟାଣ୍ଡାର୍ଡ ଫର୍ ଟିଚର୍ସ ଏନ୍.ପି. ଏସ୍.ଟି. ଲାଗି ବ୍ରେଲି ଆଉ ଅଡ଼ିଓ ବହି ଭିଲ୍ ଆରମ୍ଭ୍ କରାଯାଇଥିଲା ।

ଇ ଉଲ୍‌ଗୁନେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ତାଙ୍କର୍ ବାର୍ତାଥି କହିଛନ୍ ଯେ, ନୂଆଁ ଶିକ୍ଷାନୀତି ଦେଶର୍ ଶିକ୍ଷା ବ୍ୟବସ୍ଥାର ଯତନ୍ ନେଇକରି ନୂଆଁ ପିଢ଼ିର୍ ଛାତ୍ରଛାତ୍ରୀମାନ୍‌କର୍ ଲାଗି ରୂପାନ୍ତରିକରଣ୍ ପରିବର୍ତନ୍ ଆନିଛନ୍ ବଲି କହିଛନ୍ । ନୂଆଁ ଶିକ୍ଷାନୀତି ରୂପାନ୍ତରଣ୍‌ର ଆଶାର ପ୍ରତୀକ୍ ହେଇଛେ । ଲୁକଙ୍କର

ସଶକ୍ତିକରଣ୍ ଆଉ ସାମାଜିକ ଅର୍ଥନୈତିକ ବିକାଶ୍‌କେ ଜାତୀୟ ଶିକ୍ଷାନୀତି ସାହାଜ୍ କରୁଛେ ।

ବିଧାନ୍‌ସଭା -୨ ଆର୍‌ଏନ୍‌ୟୁ/ କଟକ୍

ବିଧାନ୍‌ସଭା ନ ଆଏଜ୍ ପ୍ରଶ୍ନଉତର୍ ସମିଆଥି ରାଏଜେ ରାଷ୍ଟ୍ରାୟତ, ଘରୋଇ ଆଉ ସମବାୟ ବେଙ୍କ୍ ଜମା ଋଣ ଅନୁପାତ୍ ୬୦ ପ୍ରତିଶତ୍ ଧାରିଜ୍ କରାଯାଇଥିବାର୍ ସଂସଦୀୟ ବ୍ୟାପାର୍‌ମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ କହିଛନ୍ । ବିଧାୟକ୍ ବିଭୂତି ଭୂଷଣ୍ ବଳବନ୍ତରାୟଙ୍କର୍ ଗୁଟେ ପ୍ରଶ୍ନର୍ ଉତର୍‌ଥି ମୁଖ୍ୟମନ୍ତ୍ରୀଙ୍କର୍ ତର୍‌ଫୁ ମନ୍ତ୍ରୀ ଡକ୍ଟର୍ ମହାଲିଙ୍ଗ୍ କହିଛନ୍ ଯେ, ରିଜର୍ଭ ବେଙ୍କ୍ ଅଫ୍ ଇଣ୍ଡିଆର୍ ନିର୍ଦ୍ଦେଶାବଲୀ ଅନ୍‌ସାରେ ୨୦୨୪ ମାର୍ଚ୍ଚ ୩୧ ତାରିଖ୍‌ତକ୍ ଜମା ଋଣ ପରିମାଣ୍ ୭ ଦଶମିକ୍ ୬ ପ୍ରତିଶତ୍ ରହିଛେ । ରାଷ୍ଟ୍ରାୟତ ବେଙ୍କ୍‌ର ଜମା ଋଣ ପରିମାଣ୍ ୬୮ ପ୍ରତିଶତ୍ ଥିବାର୍ ବେଲେ ଘରୋଇ ବେଙ୍କ୍‌ର ଜମା ଋଣ ଅନୁପାତ୍ ୭୮ ଦଶ୍‌ମିକ୍ ୪/୮ ପ୍ରତିଶତ୍ ଆଉ ସମବାୟ ବେଙ୍କର୍ ଜମା ଋଣ ଅନୁପାତ୍ ଶହେ ୨୪ ଦଶ୍‌ମିକ୍ ୨/୬ ପ୍ରତିଶତ୍ ରହିଛେ ବଲି ସେ କହିଛନ୍ । ରାଜ୍ୟର୍ ଚାଷୀମାନ୍‌କର୍ ସ୍ୱାର୍ଥର୍ ଲାଗି ଋଣ ଦେବାର୍ ବ୍ୟବସ୍ଥାକେ ସୁଗମ୍ କରୁଥିବାର୍‌ନୁ ଇ ବେଙ୍କ୍‌କେ ଦୁରୁସ୍ତ

କର୍‌ବାର୍ ଦିଗେ ସର୍‌କାର୍ ଦର୍‌କାରୀ ପଦକ୍ଷେପ୍ ନେବେ ବଲି ମନ୍ତ୍ରୀ କହିଛନ୍ ।

ରାଏଜେ ଡାକ୍ତର୍ ଅଭାବ୍ ନେଇକରି ଆଏଜ୍ ବିଧାନ୍‌ସଭା ନ ଦଲମତ ନିର୍ବିଶେଷଥି ବହୁତ୍ ବିଧାୟକ୍ ଉଦ୍‌ବେଗ ଜନେଇଥିଲେ । ବିଧାୟକ୍ ହିମାଂଶୁ ଶେଖର୍ ସାହୁଙ୍କର୍ ଇ ବାବ୍‌ଦର୍ ଗୁଟେ ପ୍ରଶ୍ନର୍ ଉତର୍‌ଥି ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ କହିଛନ୍ ଯେ, ଖାଲି ପଡ଼ିଥିବା ପଦ୍‌ବୀ ପୂରଣ୍ ଦିଗେ ସର୍‌କାର୍ କାମ୍ ମୁଲ୍ କରିଛନ୍ । ଆଏବା ଦିନେ ୩ ହଜାର୍ ଡାକ୍ତର୍ ପଦ୍‌ବୀ ପୂରଣ ଲାଗି ପଦକ୍ଷେପ୍ ନିଆଯାଉଛେ ବଲି ମନ୍ତ୍ରୀ ଗୃହଥି ଜନେଇଥିଲେ ।

ଲୋକ୍ ଅଦାଲତ୍- ସୁପ୍ରିମ୍‌କୋର୍ଟ          ଆର୍‌ଏନ୍‌ୟୁ/ କଟକ୍

ସୁପ୍ରିମ୍‌କୋର୍ଟ ନ ବିଚାରାଧୀନ୍ ଥିବାର୍ କେତେଟା ମାମ୍‌ଲାର୍ ଆପୋଷ ସମାଧାନ୍ ଲାଗି ଆଏଜ୍‌ଠାନୁ ଆଏବା ୩ ତାରିଖ୍‌ତକ୍ ଲୋକଅଦାଲତ୍ ଅନୁଷ୍ଠିତ୍ ହେଉଛେ । ଇତାର୍ ସୁଯୋଗ୍ ନେବାର୍‌କେ ସୁପ୍ରିମ୍‌କୋର୍ଟ ତର୍‌ଫୁ ପରାମର୍ଶ ଦିଆଯାଇଛେ । ଇ ଲୋକ୍‌ଅଦାଲତ୍‌ଥି ମାମ୍‌ଲାମାନ୍‌କର୍ ଭର୍ଚୁ୍ୟଆଲ୍ ଶୁଣାଣି ଲାଗି ବ୍ୟବସ୍ଥା କରାଯାଇଥିବାର୍ ଜନାପଡ଼ିଛେ ।

ଦାୟିତ୍ୱ ବଂଟନ୍      ଆର୍‌ଏନ୍‌ୟୁ/ କଟକ୍

ରାଜ୍ୟ ସର୍କାର୍ ୬ ଜଣ୍ ବରିଷ୍ଠ ଆଇଏଏସ୍ ଅଧିକାରୀଙ୍କୁ ଦାୟିତ୍ୱ ବଂଟନ୍ କରିଛନ୍ । ମୁଖ୍ୟମନ୍ତ୍ରୀଙ୍କର୍ ଅତିରିକ୍ତ ମୁଖ୍ୟ ସଚିବ ନିକୁଞ୍ଜ ବିହାରୀ ଧଳଙ୍କୁ ଗୃହ, ଅର୍ଥ, ସାଧାରଣ ପ୍ରଶାସନ୍, ଶିଳ୍ପ, ଆଇନ୍, ପର୍ଯ୍ୟଟନ୍ ବାଗିର୍ ଗୁରୁତ୍ୱପୂର୍ଣ୍ଣ ବିଭାଗ୍‌ର ଦାୟିତ୍ୱ ଦିଆଯାଇଛେ । ସେନ୍ତା ମୁଖ୍ୟମନ୍ତ୍ରୀଙ୍କର୍ ବ୍ୟକ୍ତିଗତ ସଚିବ ଅରିନ୍ଦମ୍ ଡାକୁଆଙ୍କୁ ଜଙ୍ଗଲ୍ ଆଉ ପରିବେଶ୍, ପୂର୍ତ ବାଗିର୍ କେତେଟା ବିଭାଗ୍‌ର ଦାୟିତ୍ୱ ଦିଆଯାଇଛେ । ମୁଖ୍ୟମନ୍ତ୍ରୀଙ୍କର୍ ଅତିରିକ୍ତ ସଚିବ ଅନୁପମ୍ ସାହାଙ୍କୁ ରାଜସ୍ୱ, ସୂଚନା ଆଉ ଲୋକସମ୍ପର୍କ ଆର୍ ବିଦ୍ୟାଳୟ ଆଉ ଗଣଶିକ୍ଷା ବିଭାଗ୍‌ର ଦାୟିତ୍ୱ ଦିଆଯାଇଥିବାର୍ ଜନାପଡ଼ିଛେ । ଓଏଏସ୍ ଅଧିକାରୀ ପ୍ରସନ୍ନ ଷଡ଼ଙ୍ଗୀ, ଚିତ୍ରସେନ୍ ରାଉତ୍, ରମେଶ୍ ଚନ୍ଦ୍ର ତ୍ରିପାଠୀଙ୍କୁ ଭିଲ୍ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଦିଆଯାଇଥିବାର୍ ଜନାପଡ଼ିଛେ ।

ରତ୍ନଭଣ୍ଡାର୍ ବୈଠକ୍      ଆର୍‌ଏନ୍‌ୟୁ/ କଟକ୍

ପୁରୀ ଶ୍ରୀମନ୍ଦିର୍ ରତ୍ନଭଣ୍ଡାର୍ ସ୍ୱତନ୍ତ୍ର ତଦାରଖ୍ କମିଟିର ବୈଠକ୍ ଆଏଜ୍ ଶ୍ରୀମନ୍ଦିର୍ କାର୍ଯ୍ୟାଳୟ ଠାନେ ହେଇଥିଲା । ବୈଠକ୍‌ଥି ପ୍ରତ୍ନତତ୍ୱ ବିଭାଗ୍ ଅଧିକାରୀ ଆଉ ୧୫ ଜନିଆ ଉଚ୍ଚସ୍ତରୀୟ

କମିଟି ଭିତ୍‌ରେ ରତ୍ନଭଣ୍ଡାର୍‌ର ଥିତି ଆଉ ସ୍ଥାୟୀତ୍ୱ ବାବ୍‌ଦେ ଆଲୋଚନା ହେଇଥିବାର୍ ଜନାପଡ଼ିଛେ । ରତ୍ନଭଣ୍ଡାର୍‌ର ଥିତି ଯାଂଚ୍ ବୈଠକ୍ ଉତ୍‌ରୁ ଜଷ୍ଟିସ୍ ବିଶ୍ୱନାଥ ରଥ ପହେଲା ରତ୍ନଭଣ୍ଡାର୍ ଭିତ୍‌ରେ ଥିବାର୍ ଖାଲି ଆଲ୍‌ମିରା ବାହାର୍ କରାଯିବାର୍ ବାବ୍‌ଦେ ସୂଚ୍‌ନା ଦେଇଛନ୍ । ମନ୍ଦିର୍ ପ୍ରଶାସନ୍ ତର୍‌ଫୁ ଇଥିର୍‌ଲାଗି ଦର୍‌କାର୍ ହେଉଥିବା ଗୃହ ଧାରିଜ୍ କରାଯାଇଛେ । ଦର୍‌କାର୍ ପଡ୍‌ଲେ ଖାଲି ଆଲ୍‌ମିରା ମାନ୍‌କର୍ ମରାମତି ହେବା ବଲି ସେ କହିଛନ୍ । ବୈଠକ୍‌ଥି ଶ୍ରୀମନ୍ଦିର୍ ମୁଖ୍ୟ ପ୍ରଶାସକ, ଜିଲ୍ଲାପାଲ୍ ଆର୍ ଆରକ୍ଷୀ ଅଧିକ୍ଷକ ଯୋଗ୍ ଦେଇଥିଲେ ।

ବାଘ ଦିବସ୍ ଆର୍‌ଏନ୍‌ୟୁ/ କଟକ୍

ବାଘ ସଂରକ୍ଷଣ୍‌କେ ଗୁରୁତ୍ୱ ପ୍ରଦାନ୍ କରିକରି ଦେଶ୍ ବ୍ୟାପୀ ଆଏଜ୍ ଆନ୍ତର୍ଜାତୀୟ ବ୍ୟାଘ୍ର ଦିବସ୍ ପାଲନ୍ କରାଯାଉଛେ । ପରିବେଶ୍ ସନ୍ତୁଲନ୍ ଦିଗେ ବ୍ୟାଘ୍ର ସଂରକ୍ଷଣ୍‌ର ଆବଶ୍ୟକତା ବାବ୍‌ଦେ ସଚେତନା ସୃଷ୍ଟି କର୍‌ବାର୍ ଲାଗି ଭିନ୍ ଭିନ୍ କାର୍ଯ୍ୟକ୍ରମ୍ ଆୟୋଜନ୍ କରାଯାଇଛେ । କେନ୍ଦ୍ର ଜଙ୍ଗଲ୍ ଆଉ ପରିବେଶ୍ ମନ୍ତ୍ରୀ ଭୂପେନ୍ଦ୍ର ସିଂ ଯାଦବ୍ ଆଏଜ୍ ନୂଆଦିଲ୍ଲୀ ଠାନେ ଜାତୀୟ ବ୍ୟାଘ୍ର ସଂରକ୍ଷଣ୍ କର୍ତୃପକ୍ଷର ଗୁଟେ ବୈଠକ୍‌ଥି ଅଧ୍ୟକ୍ଷତା କରିଥିଲେ । ଇ ଉଲ୍‌ଗୁନେ ସେ ବ୍ୟାଘ୍ର ସଂରକ୍ଷଣ୍ ଲାଗି ସ୍ୱଦେଶୀ ଜ୍ଞାନ୍‌କୌଶଲ୍‌ର ବେଭାର୍ ଉପ୍‌ରେ ଜୋର୍ ଦେଇଛନ୍ ।

ବ୍ୟାଘ୍ର ଦିବସ୍ ଅବ୍ସରେ ଆଏଜ୍ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଶୁଭେଚ୍ଛା ଜନେଇଛନ୍ । ସାମାଜିକ ଗଣମାଧ୍ୟମ୍ ଜରିଏ ସେ ବାଘ୍ ମାନ୍କର୍ ସଂରକ୍ଷଣ୍ ଜରିଏ ଅଏତ୍କା ସଚେତନତା ବନାବାର୍ ଆଉ ବାଘ୍ ମାନ୍କର୍ ଲାଗି ନିରାପଦ୍ ବାସସ୍ଥାନ୍ ସୁନିଶ୍ଚିତ୍ କର୍ବାର୍କେ ସମସ୍ତେ ପ୍ରତିଶ୍ରୁତିବଦ୍ଧ ହେବାର୍କେ ମୁଖ୍ୟମନ୍ତ୍ରୀ ଆହ୍ୱାନ୍ ଦେଇଛନ୍ ।

ରାଏଜେ ବାଘ୍ ବଂଶ ବଢ଼ାବାର୍ ଲାଗି ଜଙ୍ଗଲ୍ ବିଭାଗ୍ ତର୍ଫୁ ପଦକ୍ଷେପ୍ ନିଆଯାଇଛେ । ମଧ୍ୟପ୍ରଦେଶ୍ ଆର୍ ମହାରାଷ୍ଟ୍ରନୁ ବାଘୁଣି ସହେତେ ୫ ଟା ମହାବଳ ବାଘ ଆନ୍ବାର୍ ଲାଗି ବ୍ୟବସ୍ଥା କରାଯାଇଛେ । ସେ ବାଘ୍ ମାନ୍କୁ ଡେବ୍ରିଗଡ଼୍ ବନ୍ୟପ୍ରାଣୀ ଅଭୟାରଣ୍ୟ ଆର୍ ଶିମିଳିପାଲ୍ ନ ଛଡ଼ାଯିବା । ଇଥିର୍ଲାଗି ଜାତୀୟ ବ୍ୟାଘ୍ର ସଂରକ୍ଷଣ୍ କର୍ତୃପକ୍ଷ, କେନ୍ଦ୍ର ଜଙ୍ଗଲ୍ , ଜଲବାୟୁ ପରିବର୍ତନ୍ ଆଉ ପରିବେଶ୍ ମନ୍ତ୍ରଣାଳୟ ତର୍ଫୁ ଦର୍କାରୀ ମଞ୍ଜୁରୀ ମିଲିସାରିଛେ ବଲି ଜଙ୍ଗଲ୍ ବିଭାଗ୍ ତର୍ଫୁ କୁହାଯାଇଛେ ।

ଶ୍ରାବଣ ସୋମ୍ବାର୍ ଆର୍ଏନ୍ୟୁ/
କଟକ୍/ସମ୍ବଲପୁର/ସୋନପୁର

ଶ୍ରାବଣ୍ ମାସର୍ ୨ ନମ୍ବର୍ ସୋମ୍ବାର୍ଥି ଆଏଜ୍ ରାଜ୍ୟର୍ ଶୈବପୀଠମାନ୍କେ ଜଲାଭିଷେକ୍ କର୍ବାର୍ ଲାଗି ଭକ୍ତମାନ୍କର୍

ଜବର୍ ଭିଡ୍ ହେଇଥିଲା । ଭୁବ୍‌ନେଶ୍ୱର୍‌ର ଲିଙ୍ଗରାଜ୍ ପୁରୀର ଶ୍ରୀ ଲୋକନାଥ କଟକ୍‌ର ଧବଳେଶ୍ୱର୍ ପୀଠ ନ ଭୋର୍ ସଖାଲୁ କାଉଡ଼ିଆମାନେ ପୁହୁଁଚିଥିଲେ ।

ସମ୍ବଲ୍‌ପୁର୍ ଜିଲ୍ଲାର୍ ବିମଳେଶ୍ୱର୍, ମାନ୍‌ଧାତା, ସୋମ୍‌ନାଥ, କଣ୍ଟେଶ୍ୱର୍, ମୁକ୍ତେଶ୍ୱର୍, ସହେତେ ଅଷ୍ଟଶମ୍ଭୁ ଆଉ ଅଲ୍‌ଗା ଶିବମନ୍ଦିର୍‌ମାନ୍‌କେ ବହୁତ୍ ସଂଖ୍ୟାଥି କାଉଡ଼ିଆ ଆଉ ଭକ୍ତମାନେ ପାଏନ୍ ଚଢ଼େଇଥିଲେ । ବହୁତ୍‌ଟେ ଭକ୍ତ ସମ୍ବଲ୍‌ପୁର୍ ମହାନଦୀର୍ ବାଲିବନ୍ଧା ଘାଟ୍‌ନୁ ପାଏନ୍ ଆନିକରି ଭିନ୍ ଭିନ୍ ମହାଦେବ୍ ଗୁଡ଼ିମାନ୍‌କୁ ଯାଇଥିଲେ ।

ହେନ୍ତା ସୁବର୍ଣ୍ଣପୁର୍ ଜିଲ୍ଲାର୍ ଅଷ୍ଟଶମ୍ଭୁ, ସୁବର୍ଣ୍ଣମେରୁ, ରାମେଶ୍ୱର୍, ଗୋକର୍ଣ୍ଣେଶ୍ୱର୍ ସହେତେ ସବୁ ମହାଦେବ୍ ଗୁଡ଼ିମାନ୍‌କେ ଆଏଜ୍ ବହୁତ୍‌ଟେ ଭକ୍ତ ଜଳ ଲାଗି କରିଥିଲେ ।

ଆଇନ୍‌ମନ୍ତ୍ରୀ ଆର୍‌ଏନ୍‌ୟୁ/ କଟକ୍

ବିକଶିତ ଓଡ଼ିଶା ଆଉ ବିକଶିତ୍ ଭାରତ୍ ସପନ୍‌କେ ସାକାର୍ କର୍‌ବାର୍ ଲାଗି ଇଞ୍ଜିନିୟର୍‌ଙ୍କର୍ ଦକ୍ଷତାର୍ ଠିକ୍‌ଠାକ୍ ବେଭାର୍‌ର ଦର୍‌କାର୍ ରହିଛେ ବଲି ଆଇନ୍, ପୂର୍ତ୍ତ, ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ କହିଛନ୍ । ଭୁବ୍‌ନେଶ୍ୱର୍ ନ ହେଇଥିବା ଓଡ଼ିଶା ଡିପ୍ଲୋମା ଇଞ୍ଜିନିୟର୍ ସେବା ସଂଘର୍ ମୁଖପତ୍ର

ଟେକ୍ନୋସ୍କ୍ରାଇବ୍‌ର ସୁବର୍ଣ୍ଣ ଜୟନ୍ତୀ ସମାରୋହଥି ଶ୍ରୀ ହରିଚନ୍ଦନ୍ ଇଟା କହିଛନ୍ । କୋଠାବାଡ଼ି, ରାସ୍ତା, ଆଉ ସେତୁ ନିର୍ମାଣ୍ କ୍ଷେତ୍ର ନ ଆଧୁନିକ୍ ଜ୍ଞାନକୌଶଳର ବେଭାର୍ ଉପ୍‌ରେ ଭିଲ୍ ସେ ଜୋର୍ ଦେଇଥିଲେ ।

ଯୁଗ୍ମ ଅଭିଯୋଗ୍ ଶୁଣାଣି

ସମ୍ବଲପୁର/ ସୁବର୍ଣ୍ଣପୁର/ ଦେବ୍‌ଗଡ଼୍/ ବର୍‌ଗଡ଼୍/ କଲାହାଣ୍ଡି

ପଶ୍ଚିମ ଓଡ଼ିଶାର୍ ଭିନ୍ ଭିନ୍ ଜିଲ୍ଲାମାନ୍‌କେ ଆଏଜ୍ ଜିଲ୍ଲାପାଲ୍ ଆର୍ ଏସ୍.ପି.ମାନ୍‌କର୍ ମିଲିତ ଯୁଗ୍ମ ଅଭିଯୋଗ୍ ଶୁଣାଣି ହେଇଯାଇଛେ ।

ସମ୍ବଲ୍‌ପୁର୍ ଜିଲ୍ଲା ଯୁଯୁମରା ବ୍ଲକ୍ କାର୍ଯ୍ୟାଳୟ ନ ଆଏଜ୍ ୫୯ ଟା ଅଭିଯୋଗ୍‌ର ଶୁଣାଣି ହେଇଥିଲା । ଇନ ଭିନ୍ନକ୍ଷମ ମାନ୍‌କୁ ହ୍ୱିଲ୍‌ଚେୟାର୍ ଆଉ କେତେଝନ୍ ହିତାଧିକାରୀଙ୍କୁ ଶ୍ରମିକକାର୍ଡ଼ ଦିଆଯାଇଥିଲା ।

କଲାହାଣ୍ଡି ଜିଲ୍ଲା କଲମ୍‌ପୁର୍ ବ୍ଲକ ପଂଚାୟତ୍ ସମିତି ସମ୍ମିଳନୀ ଗୃହ ଠାନେ ଜିଲ୍ଲା ପ୍ରଶାସନ୍ ତର୍‌ଫୁ ମିଲିତ୍ ଅଭିଯୋଗ୍ ଶୁଣାଣି କରାଯାଇଥିଲା । ଇନ ଶହେ ୪୩ ଝନ୍ ଅଭିଯୋଗ୍ ପତ୍ର ଦାଖଲ୍ କରିଥିବାର୍ ବେଳେ କେତେଟା ଅଭିଯୋଗ୍‌ର ଶିବିର୍ ନ ସମାଧାନ୍ କରାଯାଇଥିଲା ବଲି ଜନାପଡ଼ିଛେ ।

ସେନ୍ତା ସୁବର୍ଣ୍ଣପୁର୍ ଜିଲ୍ଲାର୍ ଡୁଙ୍ଗୁରିପାଲି ବ୍ଲକ୍ ନ ହେଇଥିବା ଅଭିଯୋଗ୍ ଶୁଣାଣି ଶିବିରଥି ୮୨ ଟା ଅଭିଯୋଗ୍‌ର ଶୁଣାଣି ହେଇଥିଲା ।

ଦେବ୍‌ଗଡ୍ ଜିଲ୍ଲା ବାର୍‌କୋଟ ବ୍ଲକ୍‌ର ସଇଡ଼ା ଗ୍ରାମ୍‌ପଂଚାୟତ୍ ସମ୍ମିଳନୀ କକ୍ଷ ନ ହେଇଥିବା ଯୁଗ୍ମ ଅଭିଯୋଗ୍ ଶୁଣାଣି ଶିବିରଥି ୮୮ ଟା ଅଭିଯୋଗ୍‌ର ଶୁଣାଣି କରାଯାଇଥିଲା ।

ବର୍‌ଗଡ୍ ଜିଲ୍ଲା ବର୍‌ଗଡ୍ ପଂଚାୟତ୍ ସମିତି ନ ହେଇଥିବା ମିଲିତ୍ ଅଭିଯୋଗ୍ ଶୁଣାଣି ଶିବିରଥି ୬୧ ଟା ଅଭିଯୋଗ୍‌ର ଶୁଣାଣି ହେଇଥିଲା । ଶିବିର୍‌କେ ଆସିଥିବାର୍ ସାମୂହିକ୍ ଅଭିଯୋଗ୍ ମାନ୍‌କର୍ ଶୁଣାଣି କରାଯାଇକରି ତୁର୍‌ତି ସମାଧାନ୍ ଲାଗି ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦିଆଯାଇଥିଲା ।

ହୀରାକୁଦ୍ ଜଲ୍‌ଭଣ୍ଡାର            ସମ୍ବଲପୁର୍ ସମ୍ବାଦଦାତା

ହୀରାକୁଦ୍ ଜଲ୍‌ଭଣ୍ଡାର୍‌ର ଜଲ୍‌ସ୍ତର୍ ଆଏଜ୍ ସଞ୍ଜ୍‌ବେଲର୍ ୬ ବଜେ ୬ ଶହ ୧୬ ଦଶ୍‌ମିକ୍ ଶୂନ/୬ ଫୁଟ୍ ରହିଛେ । ଇ ସମିଆଥି ଫି ସେକେଣ୍ଡ୍‌ଥି ଜଲ୍‌ଭଣ୍ଡାର୍‌କେ ୧ ଲାଖ୍ ୯୮ ହଜାର୍ ୮ ଶହ ୨୨ ଘନଫୁଟ୍ ପାଏନ୍ ଆସୁଛେ । ଜଲ୍‌ଭଣ୍ଡାର୍‌ନୁ ୨୦ ଗେଟ୍, ପାୱାର୍ ଚେନାଲ୍ ଆର୍ କେନାଲ୍ ଜରିଏ ଫି ସେକେଣ୍ଡଥି ୩ ଲାଖ୍ ୪୬ ହଜାର୍ ୫ ଶହ ୯୯ ଘନଫୁଟ୍ ପାଏନ୍ ଛଡ଼ାଯାଉଛେ ।

ଗଲାକାଏଲ୍‌ନୁ ହୀରାକୁଦ୍ ଜଲ୍‌ଭଣ୍ଡାର୍‌ନୁ ପହେଲାକରି ୨୦ ଗେଟ୍ ସ୍ଲୁଇସ୍ ଗେଟ୍ ଦେଇକରି ଇ ବଛର୍‌ର୍ ବଢ଼ି ପାଏନ୍ ଛଡ଼ାଯାଉଛେ । ଗଲା ୨୪ ଘଂଟା ଭିତ୍‌ରେ ଡେମ୍‌ର ଉପର୍‌ମୁଡ଼େ ୪ ଦଶ୍‌ମିକ୍ ୪/୧ ମିଲିମିଟର୍ ଆର୍ ତଲ୍‌ମୁଡ଼େ ୩ ଦଶ୍‌ମିକ୍ ୭/୮ ମିଲିମିଟର୍ ବର୍ଷା ରେକର୍ଡ୍ କରାଯାଇଛେ ।

ତିଖାଲି ଜଲସେଚନ ପ୍ରକଳ୍ପ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ତିଖାଲି ଲୋୟର୍ ଇନ୍ଦ୍ର ଜଲସେଚନ ପ୍ରକଳ୍ପନୁ ଆଏବା ୩୧ ତାରିଖ୍ ଦିନର୍ ୧ ବଜେ ପାଏନ୍ ଛଡ଼ାଯିବା । ଜଲସେଚନ ପ୍ରକଳ୍ପ କର୍ତୃପକ୍ଷ, ଖଡ଼ିଆଲ୍ - ସେଦିନ ଇବଛ୍‌ରର୍ ପହେଲା ବଢ଼ି ପାଏନ୍ ଛଡ଼ାଯିବା ବଲି ବଲାଙ୍ଗିର୍ ଆର୍ ନୂଆପଡ଼ାର୍ ଜିଲ୍ଲାପାଲ୍‌ଙ୍କୁ ଚିଠି ଜରିଏ ଜନେଇ ଦିଆଯାଇଛେ । ୨ ଶହ ୬୪ ମିଟର୍ ଜଲଧାରଣ୍ କ୍ଷମତା ଲୋୟର୍ ଇନ୍ଦ୍ରପ୍ରକଳ୍ପଥି ଆଏଜ୍ ୨ ଶହ ୬୩ ଦଶ୍‌ମିକ୍ ୨/୬ ମିଟର ରହିଛେ ।

ପାଣିପାଗ ଆର୍‌ଏନ୍‌ୟୁ/ କଟକ୍

ଲଘୁଚାପ୍ ବଲେ ଆଏବା ୫ ଦିନ୍ ତକ୍ ରାଏଜେ ବର୍ଷା ଥିତି ଜାରି ରହେବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର

ତର୍ଫ୍ରୁ କୁହାଯାଇଛେ । ସୂଚ୍ନା ଅନ୍ସାରେ ଆଏବା ୨୪ ଘଂଟା ଭିତ୍ରେ ଘଡ୍‌ଘଡ଼ି ସହେତେ ବର୍ଷା ହେବାର୍ ନେଇକରି ୧୧ ଟା ଜିଲ୍ଲା ଲାଗି ସତର୍କ ସୂଚ୍ନା ଜାରି କରାଯାଇଛେ ।